କୋଶଳ ସମ୍ବାଦ

କୋଶଳର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-51, Monday 23 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୫୧ ■ ସୋମବାର ୨୩ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ମିଳିବ ନୂଆ ଗତି

ଭୀମ ମଣ୍ଡଳୀ ପାଇଁ ୨୨ କୋଟିରୁ ଅଧିକ ଅର୍ଥ ମଞ୍ଜୁର

ରାଇରାଖୋଲର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ; ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି ଆଶା



ସମ୍ବଲପୁର : ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସମୃଦ୍ଧ ଓ ଆକର୍ଷଣୀୟ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ସମ୍ବଲପୁର ଜିଲ୍ଲାର ରାଇରାଖୋଲ ଅ ଳରେ ଥିବା ଭୀମ ମଣ୍ଡଳୀ ଇକୋ-ହେରିଟେଜ୍ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ୨୨ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାକୃତିକ ସମ୍ପଦ, ଐତିହାସିକ ଗୁରୁତ୍ୱ ଓ ପରିବେଶର ସୁରକ୍ଷା ସହ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା ବିକଶିତ କରିବା ଯୋଜନା ରହିଛି । ଭୀମ ମଣ୍ଡଳୀ ଅଞ୍ଚଳ ପ୍ରାକୃତିକ ସୌନ୍ଦର୍ଯ୍ୟ, ପାହାଡ଼, ଜଙ୍ଗଲ, ପଥର ଓ ଶାନ୍ତ ପରିବେଶ ପାଇଁ ପରିଚିତ । ପ୍ରକୃତିପ୍ରେମୀ, ପର୍ଯ୍ୟଟକ ଓ ଐତିହ୍ୟ ଅନୁସନ୍ଧାନକାରୀଙ୍କ ପାଇଁ ଏହି ସ୍ଥାନର ଆକର୍ଷଣ ବିଶେଷ ରହିଛି। କିନ୍ତୁ ଦୀର୍ଘଦିନ ଧରି ପର୍ଯ୍ୟଟନ ଭିତ୍ତିଭୂମିର ଅଭାବ, ଯାତାୟାତ ସୁବିଧା, ରହଣି ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା ଓ ପ୍ରଚାରର ଅଭାବ ଯୋଗୁଁ ଏହି ସ୍ଥାନ ଆଶାନୁରୂପ ଲୋକପ୍ରିୟ ହୋଇପାରିନାହିଁ ।

ମଞ୍ଜୁର ହୋଇଥିବା ଅର୍ଥରେ ପର୍ଯ୍ୟଟନ ସ୍ଥଳର ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ପର୍ଯ୍ୟଟକଙ୍କ ଯାତାୟାତ ଓ ଅବସ୍ଥାନକୁ ସୁବିଧାଜନକ କରିବା, ପରିବେଶ ଅନୁକୂଳ ବ୍ୟବସ୍ଥା ସୃଷ୍ଟି କରିବା ଏବଂ ଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଆଶା କରାଯାଉଛି । ଇକୋ-ଟୁରିଜିମ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକୃତିକୁ କ୍ଷତି ନ ପହ ।ଇ ପର୍ଯ୍ୟଟନର ବିକାଶ କରିବା । ତେଣୁ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ପରିବେଶର ସନ୍ତୁଳନ ଓ ସ୍ଥାନୀୟ ପରିସରର ସୁରକ୍ଷାକୁ ପ୍ରାଥମିକତା ଦେବା ଆବଶ୍ୟକ । ପଶ୍ଚିମ ଓଡ଼ିଶାରେ ଅନେକ ଅଜଣା ଓ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ରହିଛି। ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼, ଅଭୟାରଣ୍ୟ, ଗନ୍ଧମାର୍ଦ୍ଦନ ପର୍ବତମାଳା, ନୃସିଂହନାଥ, ଖଣ୍ଡଧାର ଜଳପ୍ରପାତ ଓ ଅନ୍ୟାନ୍ୟ

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ଓଡ଼ିଶାର ୮ଟି ନଦୀ ଅବବାହିକା ପାଇଁ ଦୀର୍ଘମିଆଦୀ ବନ୍ୟା ନିୟନ୍ତ୍ରଣ ଯୋଜନା

ଜଳ ସମ୍ପଦ ଓ ବିପର୍ଯ୍ୟୟ ପରିଚାଳନାକୁ ନୂଆ ଦିଗ



ଭୁବନେଶ୍ୱର: ଓଡ଼ିଶାରେ ବାରମ୍ବାର ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହେଉଥିବା କ୍ଷୟକ୍ଷତିକୁ ରୋକିବା ପାଇଁ ରାଜ୍ୟ ସରକାର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରୁଛନ୍ତି । ୧୦୦ ବର୍ଷର ଦୃଷ୍ଟିକୋଣ ରଖି ରାଜ୍ୟର ୮ଟି ନଦୀ ଅବବାହିକାରେ ବନ୍ୟା ନିୟନ୍ତ୍ରଣ ଓ ଭିତ୍ତିଭୂମି ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ବିଶେଷଜ୍ଞଙ୍କ ସହାୟତାରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବାର ଯୋଜନା ରହିଛି । ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧ ସୁରକ୍ଷା, ଜଳ ନିଷ୍କାସନ, ଗ୍ରାମାଞ୍ଚଳର ସୁରକ୍ଷା ଓ କୃଷିଜମିର କ୍ଷୟକ୍ଷତି ହ୍ରାସ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେବ। ଦୀର୍ଘଦିନ ଧରି ବନ୍ୟା ସମସ୍ୟାର ସମ୍ମୁଖୀନ ହେଉଥିବା ଅଞ୍ଚଳଗୁଡ଼ିକ ଏହାଦ୍ୱାରା ଉପକୃତ ହେବା ଆଶା କରାଯାଉଛି ।

ରାଜ୍ୟରେ ୨୬ ଲକ୍ଷରୁ ଅଧିକ ଶିଶୁଙ୍କୁ ଦିଆଯିବ ପୋଲିଓ ବୁନ୍ଦା



ଭୁବନେଶ୍ୱର, ୨୨ ।୧୧: ଓଡ଼ିଶାର ୧୭ଟି ଜିଲ୍ଲାରେ ସବ୍-ନ୍ୟାସନାଲ୍ ଇମ୍ୟୁନାଇଜେସନ୍ ଡେ (SNID) ଅନ୍ତର୍ଗତ ଦ୍ୱିତୀୟ ପର୍ଯ୍ୟାୟ ସଙ୍ଘନ ପୋଲିଓ ପ୍ରତିଷେଧକ ଟିକାକରଣ ଅଭିଯାନ (IPPI) ଆରମ୍ଭ ହୋଇଛି । ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଭୁବନେଶ୍ୱରସ୍ଥିତ ଆଇଆରସି ଭିଲେଜ୍ର ସହରା ଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (UPHC) ଠାରେ ଛୋଟ ପିଲାଙ୍କୁ ନିଜେ ପୋଲିଓ ଖୁଆଇ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଅଭିଯାନ କାର୍ଯ୍ୟକାରୀ ହେବ । ୨୬ ଲକ୍ଷରୁ ଅଧିକ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରିବାର ଲକ୍ଷ୍ୟ ରହିଛି । '୨୦୧୪ରୁ ଭାରତ ପୋଲିଓମୁକ୍ତ ରହିଥିବାବେଳେ ଓଡ଼ିଶା ୨୦୦୮ ମସିହାରୁ ପୋଲିଓମୁକ୍ତ ସ୍ଥିତି ବଜାୟ ରଖିଛି । ତେବେ ବିଶ୍ୱରୁ ପୋଲିଓ ସମ୍ପୂର୍ଣ୍ଣ ନିର୍ମୂଳ ନହେବା ପର୍ଯ୍ୟନ୍ତ ଶିଶୁମାନଙ୍କ ମଧ୍ୟରେ ଉଚ୍ଚ ପ୍ରତିରୋଧକ କ୍ଷମତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ । କୌଣସି ଶିଶୁ ଯେପରି ଟିକାକରଣରୁ ବଞ୍ଚିତ ନହୁଏ, କୌଣସି ଅଞ୍ଚଳ ଯେପରି ଅଣଦେଖା ନହୁଏ ଏବଂ ଟିକାକରଣର କୌଣସି ସୁଯୋଗ ଯେପରି ହାତଛଡ଼ା ନହୁଏ,

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)

କୃଷି କ୍ଷେତ୍ରରେ ନୂଆ ସଫଳତା, ୧୧ଟି ଉନ୍ନତ କିସମ ଫସଲ ବିକଶିତ

ଚାଷୀଙ୍କ ଉତ୍ପାଦନ ବୃଦ୍ଧି ଓ କୃଷିକୁ ନୂଆ ଦିଗ



ଓଡ଼ିଶାର କୃଷି ଗବେଷଣା କ୍ଷେତ୍ରରେ ଏକ ନୂଆ ସଫଳତା ହାସଲ ହୋଇଛି । ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (OUAT) ପକ୍ଷରୁ ୧୧ଟି ନୂତନ ଉନ୍ନତ କିସମର ଫସଲ ବିକଶିତ କରାଯାଇଛି। ଏଥିରେ ୯ଟି କ୍ଷେତ୍ର ଫସଲ ଓ ୨ଟି ଉଦ୍ୟାନ ଫସଲ ରହିଛି । ନୂଆ କିସମଗୁଡ଼ିକର ଲକ୍ଷ୍ୟ ହେଉଛି ଅଧିକ ଉତ୍ପାଦନ, ଚାଷୀଙ୍କ ଆୟ ବୃଦ୍ଧି ଓ କୃଷିରେ ଉନ୍ନତ ବୈଜ୍ଞାନିକ ପଦ୍ଧତିକୁ ଆଗକୁ ନେବା । ଏହି ଉନ୍ନତ କିସମ ଚାଷୀଙ୍କ ପାଖରେ ପହଞ୍ଚିଲେ କୃଷି ଉତ୍ପାଦନ ବୃଦ୍ଧି ସହ ରାଜ୍ୟର ଖାଦ୍ୟ ସୁରକ୍ଷାକୁ ମଧ୍ୟ ଶକ୍ତି ମିଳିପାରିବ ।

ଭୁବନେଶ୍ୱରରେ ୯ ମହଲାର ରାଜସ୍ୱ ଭବନ : ୩୪୭.୮୬ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ



ଭୁବନେଶ୍ୱର: ରାଜ୍ୟର ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟକୁ ଏକ ସ୍ଥାନରେ ଆଣିବା ଲକ୍ଷ୍ୟରେ ଭୁବନେଶ୍ୱରରେ ଏକ ବିଶାଳ ୯ ମହଲା ବିଶିଷ୍ଟ 'ରାଜସ୍ୱ ଭବନ' ନିର୍ମାଣ ପାଇଁ ଯୋଜନା କରାଯାଇଛି । ଏହି ପ୍ରକଳ୍ପ ପାଇଁ ୩୪୭.୮୬ କୋଟି ଟଙ୍କା ଅନୁମୋଦନ ହୋଇଥିବା ଖବର ମିଳିଛି । ଭବନରେ ଦୁଇଟି ବେସମେଣ୍ଟ ସହ ଅନେକ ବିଭାଗର କାର୍ଯ୍ୟାଳୟ ରହିବ । ବିଭାଗଗୁଡ଼ିକ ଗୋଟିଏ ସ୍ଥାନରେ ରହିଲେ ଜନସାଧାରଣଙ୍କ କାର୍ଯ୍ୟ ସହଜ ହେବା ସହ ପ୍ରଶାସନିକ ସମନ୍ୱୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।









କୋଶଳ ସମ୍ବାଦ

ସୋମବାର ୨୩ ନଭେମ୍ବର ୨୦୨୬



ଗଣତନ୍ତ୍ରର ଶକ୍ତି ଜନସାଧାରଣଙ୍କ ସଚେତନତାରେ

ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ଜ୍ୱଳପୁର ସୁନ୍ଦରଗଡ଼

ଗଣତନ୍ତ୍ର କେବଳ ନିର୍ବାଚନ, ଭୋଟ୍ ଓ ସରକାର ଗଠନରେ ସୀମିତ ନୁହେଁ । ଏହା ହେଉଛି ଜନସାଧାରଣଙ୍କ ଅଧିକାର, ମତାମତ, ସ୍ୱାଧୀନତା ଓ ନ୍ୟାୟର ଏକ ସୁଦୃଢ଼ ବ୍ୟବସ୍ଥା । ଗଣତନ୍ତ୍ରରେ ଜନତା ହିଁ ସର୍ବୋଚ୍ଚ ଶକ୍ତି । ଲୋକଙ୍କ ମତରେ ସରକାର ଗଠିତ ହୁଏ, ଲୋକଙ୍କ ଆଶା ଓ ଆକାଂକ୍ଷାକୁ ନେଇ ଶାସନ ବ୍ୟବସ୍ଥା ଆଗକୁ ବଢ଼େ । କିନ୍ତୁ ଗଣତନ୍ତ୍ରର ପ୍ରକୃତ ସଫଳତା କେବଳ ଭୋଟ୍ ଦେବାରେ ନୁହେଁ, ବରଂ ନାଗରିକଙ୍କ ସଚେତନତା, ଦାୟିତ୍ୱବୋଧ ଓ ସକ୍ରିୟ ଅଂଶଗ୍ରହଣରେ ନିହିତ ।

ଆଜିର ସମାଜରେ ଅନେକ ସମୟରେ ରାଜନୈତିକ ଆଲୋଚନା, ଦଳୀୟ ସମର୍ଥନ ଓ ବ୍ୟକ୍ତିଗତ ସ୍ୱାର୍ଥ ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟକୁ ପଛକୁ ଠେଲି ଦେଉଛି । ସାଧାରଣ ଲୋକଙ୍କ ସମସ୍ୟା—ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟ ଜଳ, ରୋଜଗାର ଓ ମହଙ୍ଗା ଦର—ଅନେକ ସମୟରେ ଚର୍ଚ୍ଚାର କେନ୍ଦ୍ରରୁ ଦୂରେଇ ଯାଉଛି । ନିର୍ବାଚନ ସମୟରେ ଅନେକ ପ୍ରତିଶ୍ରୁତି ଦିଆଯାଏ, କିନ୍ତୁ ନିର୍ବାଚନ ପରେ ସେହି ପ୍ରତିଶ୍ରୁତିଗୁଡ଼ିକ କେତେ ପୂରଣ ହେଲା, ତାହା ଜାଣିବା ଓ ପ୍ରଶ୍ନ କରିବା ଜନସାଧାରଣଙ୍କ ଅଧିକାର ।

ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସ୍ୱାଧୀନ ଓ ନିରପେକ୍ଷ ସାମ୍ବାଦିକତାର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗଣମାଧ୍ୟମ କେବଳ ଘଟଣାର ବିବରଣୀ ଦେବାର ମାଧ୍ୟମ ନୁହେଁ, ଏହା ଶାସନ ବ୍ୟବସ୍ଥାକୁ ଜବାବଦେହୀ କରିବା, ଜନସାଧାରଣଙ୍କ ସ୍ୱରକୁ ଉଠାଇବା ଏବଂ ସତ୍ୟକୁ ସମାଜ ସମ୍ମୁଖରେ ଆଣିବାର ଏକ ଶକ୍ତିଶାଳୀ ମଞ୍ଚ। ଯେଉଁଠି ଲୋକଙ୍କ ସମସ୍ୟା ଅବହେଳିତ ହୁଏ, ସେଠି ନିରପେକ୍ଷ ସାମ୍ବାଦିକତା ସେହି ସମସ୍ୟାକୁ ଆଲୋକିତ କରିବା ଆବଶ୍ୟକ ।

ସେହିପରି ନାଗରିକମାନେ ମଧ୍ୟ କେବଳ ଅଧିକାର ଦାବି କରି ନୁହେଁ, ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବା ଉଚିତ । ଆଇନକୁ ସମ୍ମାନ, ସାମାଜିକ ସହଯୋଗ, ପରିବେଶ ସୁରକ୍ଷା, ଦୁର୍ନୀତି ବିରୋଧରେ ସ୍ୱର ଏବଂ ଭୁଲ ଖବରରୁ ଦୂରେଇ ରହିବା ହେଉଛି ଜଣେ ଦାୟିତ୍ୱବାନ ନାଗରିକଙ୍କ ପରିଚୟ ।

ଗଣତନ୍ତ୍ର ସେତେବେଳେ ଶକ୍ତିଶାଳୀ ହୁଏ, ଯେତେବେଳେ ଜନତା ସଚେତନ ହୁଅନ୍ତି, ପ୍ରଶାସନ ଜବାବଦେହୀ ହୁଏ ଓ ଗଣମାଧ୍ୟମ ସତ୍ୟର ପକ୍ଷରେ ଦୃଢ଼ ଭାବେ ଠିଆ ହୁଏ । ତେଣୁ ଗଣତନ୍ତ୍ରକୁ ସୁଦୃଢ଼ କରିବା କେବଳ ସରକାରଙ୍କ କାମ ନୁହେଁ; ଏହା ସମଗ୍ର ସମାଜର ସାମୂହିକ ଦାୟିତ୍ୱ । ସଚେତନ ଜନତା ହିଁ ଏକ ସୁନ ର, ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ରାଷ୍ଟ୍ରର ପ୍ରକୃତ ଭିତ୍ତି ।

କାର୍ତ୍ତିକ ପୂଜା ଅବସରରେ ବସୁନ୍ଧରା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର





ଉଜ୍ଜ୍ୱଳପୁର: ପବିତ୍ର କାର୍ତ୍ତିକ ପୂଜା ଅବସରରେ ମାନବ ସେବା ଓ ଜନକଲ୍ୟାଣର ମହତ୍ ଉଦ୍ଦେଶ୍ୟ ନେଇ ବସୁନ୍ଧରା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଉଜ୍ଜ୍ୱଳପୁରଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଅୟିକା ଏଣ୍ଟରପ୍ରାଇଜେସ୍‌ର ନିର୍ଦ୍ଦେଶକ ଅୟିକା ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଅନେକ ଶ୍ରଦ୍ଧାଳୁ ଓ ପୂଜା କମିଟିର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ମହତ୍ କାର୍ଯ୍ୟରେ ନିଜର ଯୋଗଦାନ ଦେଇଥିଲେ। ଏହି ଅବସରରେ ରକ୍ତଦାତାମାନଙ୍କୁ ମୁଖ୍ୟ ଅତିଥି ଅୟିକା ଦାଶ ପ୍ରମାଣପତ୍ର ବଣ୍ଟନ କରି ସେମାନଙ୍କ ମହତ୍ ଉଦ୍ୟମକୁ ପ୍ରଶଂସା କରିଥିଲେ। ରକ୍ତଦାନ ଏକ ମହତ୍ ଦାନ ଏବଂ ଜଣେ ରକ୍ତଦାତାଙ୍କ ରକ୍ତ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇପାରେ। ତେଣୁ ସମାଜର ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ଏଭଳି ମହତ୍ କାର୍ଯ୍ୟରେ ସାମିଲ ହେବା ଆବଶ୍ୟକ ବୋଲି ଏହି ଶିବିର ମାଧ୍ୟମରେ ଏକ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ତ୍ତିକ ପୂଜାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରକ୍ତଦାନ ଭଳି ମାନବିକ ସେବା କାର୍ଯ୍ୟର ଆୟୋଜନକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

ସମ୍ବଲପୁର ମହୋତ୍ସବରେ ଚମକିଲେ ସୁନ୍ଦରଗଡ଼ର ଯୁବ କବି ଟୋନିସ ରୋହିଦାସ, ସମ୍ବଲପୁରୀ କବିତା ମହୋତ୍ସବରେ ହେଲେ ସମ୍ମାନିତ



ସମ୍ବଲପୁର: ସମ୍ବଲପୁର ମହୋତ୍ସବ ୨୦୨୬ରେ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଯୁବ କବି ଟୋନିସ ରୋହିଦାସ। ମହୋତ୍ସବ ଅବସରରେ ଆୟୋଜିତ ସମ୍ବଲପୁରୀ କବିତା ମହୋତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତିକୁ ନେଇ ଆୟୋଜିତ ଏହି ସାହିତ୍ୟିକ ମଞ୍ଚରେ ପଶ୍ଚିମ ଓଡ଼ିଶାର ବହୁ କବି, କବୟିତ୍ରୀ, ଲେଖକ ଓ ଲେଖିକା ଯୋଗଦେଇ ନିଜ ନିଜର ସାହିତ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ମହୋତ୍ସବ ସମ୍ବଲପୁରୀ ଭାଷା ଓ କବିତାର ମହତ୍ତ୍ୱକୁ ଆହୁରି ଲୋକଲୋଚନକୁ ଆଣିବା ସହିତ ନୂତନ ପିଢ଼ିର ସାହିତ୍ୟିକମାନଙ୍କୁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଛି। ଯୁବାବସ୍ଥାରୁ ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ରଖିଥିବା ଟୋନିସ ରୋହିଦାସ ସମ୍ବଲପୁରୀ ଭାଷା ଓ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି ସମ୍ମାନ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ସୁନ୍ଦରଗଡ଼ ଜିଲ୍ଲାର ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ମଧ୍ୟ ଏକ ଗୌରବର ବିଷୟ। ଏହି ସଫଳତା ପରେ ଟୋନିସ ରୋହିଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ତାଙ୍କର ଏହି ସମ୍ମାନ ଆଗାମୀ ଦିନରେ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଆହୁରି କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି

ପାଚିକା ସହାୟିକା ସଂଘର ବୈଠକ



ଢେଙ୍କାନାଳ, ୨୨/୧୧: ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ନିଳ ଓଡିଶା ଏମ୍.ଡି.ଏମ୍ ପାଚିକା ସହାୟିକା ସଂଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଆସନ୍ତା ତା.୩୦.୧୧.୨୦୨୬ରିଖରେ ବିଧାନସଭା ସମ୍ମୁଖରେ ହେବାକୁ ଯାଉଥିବା ମିଳିତ ମଂଚର ଆନ୍ଦୋଳନ ଉପରେ ଆଲୋଚନା କରାଯାଇଥିଲା । ମାସିକ ପାରିଶ୍ରମିକ ଅପ୍ରେଲ୍ ମାସ ଠାରୁ ବିଳମ୍ବରେ ମିଳୁ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାର ପୃଥକ ଭାବରେ ଟଙ୍କା ନଦେଇ ଏକକାଳୀନ ଯେପରି ଭାବରେ ଦିଆଯାଉଥୁଲା ସେପରି ଭାବରେ ମାସର ପ୍ରଥମ ସପ୍ତାହରେ ଦେବାକୁ ବ୍ୟବସ୍ଥା କରିବାକୁ ସଂଘ ଦାବି କରୁଛି । ସର୍ବନିମ୍ନ ମଜୁରୀ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ, ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଅବସର ସମୟରେ ସତନ୍ତ୍ର ସହାୟତା ସହିତ ପେନ୍‌ସନ୍, ବିଇଓଙ୍କ ଦ୍ୱାରା ନିଯୁକ୍ତି, ବର୍ଷକୁ ୨ଟି ଶାଢୀ ସହିତ ୧୨ଦଫା ସମ୍ବଳିତ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରା ?ଯିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ଉକ୍ତ ଦିନ ବିଦ୍ୟାଳୟମାନଙ୍କରେ ରୋଷେଇ କାର୍ଯ୍ୟ ବନ୍ଦ କରି ପାଚିକାମାନେ ଆନ୍ଦୋଳନରେ ସାମିଲ୍ ହେଉଥିବାରୁ ମଧ୍ୟାହ୍ନ ଭୋଜନରେ ବ୍ୟାଘାତ ହେଉଥିବାରୁ ସଂଘ ଦୁଃଖ ପ୍ରକାଶ କରୁଛି । ବର୍ତମାନ ଯେପରି ଭାବରେ ବଜାରରେ ଦରଦାମ ବୃଦ୍ଧି ଘଟିବାରେ ଲାଗୁଛି ଏଥିରେ ଗୋଟିଏ ପାଚିକା ପରିବାର ମାସକୁ ୩ହଜାର ଟଙ୍କାରେ କିପରି ଭାବରେ ଚଳିବ ବୋଲି ରାଜ୍ୟ ଉପଦେଷ୍ଟା ରବି ରଥ ଶାସକ ଏବଂ ପ୍ରଶାସକଙ୍କୁ ପ୍ରଶ୍ନ କରିଛନ୍ତି । ଆଉ ମଧ୍ୟ କରୋନା ପୂର୍ବରୁ ରାଜ୍ୟରେ ୩ଗୋଟି ପାଚିକା ସଂଘ ଥିବାବେଳେ କିଛି ଦାବୀ ହାସଲ କରିଥିଲା । କରୋନା ସମୟରେ ୫/୬ଟି ସଂଘ ଗଠନ କରି ପୃଥକ ପୃଥକ ଭାବେ ଆନ୍ଦୋଳନ ସଂଗଠିତ କରି କି ପ୍ରକାର ଦାବୀ ହାସଲ କରିଛନ୍ତି ବୋଲି ରାଜ୍ୟର କର୍ମକର୍ତାଙ୍କୁ ପ୍ରଶ୍ନ କରିଛନ୍ତି । ଏହି ଆନ୍ଦୋଳନରେ ପାଚିକା ସହାୟିକା ସଂଘ ଗୁଡିକ ସାମିଲ୍ ହୋଇ କେତେଗୋଟି ଦାବୀକୁ ହାସଲ କରିବାକୁ ଅହ୍ୱାନ ଦେଇଥିଲେ । ଏହି ମର୍ମରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧୁକାରୀ, ଗୋଷ୍ଠୀ ଶିକ୍ଷା ଅଧୁକାରୀ, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ବୈଠକରେ ଶାନ୍ତିପ୍ରିୟା ସାହୁ, ସୁବାଶିନୀ ବେହେରା, ଉତରା ପାତ୍ର, ଦୀପ୍ତିମୟୀ ଷଡଙ୍ଗୀ, ରେବତୀ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଡଙ୍ଗାର ପସରା

ସୁନ୍ଦରଗଡ଼: ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଢେଙ୍କାନାଳ ସହର। ଏହି ପବିତ୍ର ଦିନରେ ବୋଇତ ବନ୍ଦାଣ ପରମ୍ପରାକୁ ପାଳନ କରିବା ପାଇଁ ସହରର ବିଭିନ୍ନ ବଜାର ଓ ଛକରେ ଖୋଲିଛି ଡଙ୍ଗାର ପସରା। ବିଭିନ୍ନ ରଙ୍ଗ ଓ ଆକାରର ଡଙ୍ଗା କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ମଧ୍ୟ ଜମିବାରେ ଲାଗିଛି। ଢେଙ୍କାନାଳ ଆନନ୍ଦ ବଜାରରେ ଡଙ୍ଗା ବ୍ୟବସାୟ କରୁଥିବା ଶ୍ରୀରାମ ସାହୁ କହିଛନ୍ତି, ଦୀର୍ଘ ୨୦ ବର୍ଷ ଧରି ସେ ଏହି ବ୍ୟବସାୟ କରିଆସୁଛନ୍ତି। ଏଠାରେ ବିକ୍ରି ହେଉଥିବା ଡଙ୍ଗାଗୁଡ଼ିକ ଜଟଣୀରୁ ଆସିଥାଏ। ଛୋଟରୁ ବଡ଼ ବିଭିନ୍ନ ପ୍ରକାରର ଡଙ୍ଗାର ଦାମ୍ ୧୦ ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନିଜ ସାମର୍ଥ୍ୟ ଅନୁସାରେ ଲୋକେ ଡଙ୍ଗା କିଣି ଏହି ପରମ୍ପରାରେ ସାମିଲ ହେଉଛନ୍ତି। ପୁରାତନ ଓଡ଼ିଆ ନୌବାଣିଜ୍ୟର ସ୍ମୃତିକୁ ମନେ ପକାଇ ଡଙ୍ଗା ଭସାଇବାର ଏହି ପରମ୍ପରା ଆଜି ବି ଓଡ଼ିଆଙ୍କ ମନରେ ଉତ୍ସାହ ଓ ଆନନ୍ଦ ଭରିଦେଉଛି।

୫୦ ଫୁଟ୍ ଉଚ୍ଚ ବ୍ରିଜ୍‌ରେ ଫସିଲେ ନାବାଳିକା, ଉଦ୍ଧାର ପାଇ ପୋଲିସ ଓ ଅଗ୍ନିଶମ ବିଭାଗର କସରତ

ରାଜଗାଙ୍ଗପୁର (ରିପୋର୍ଟ: ଆଲୋକ): ଘରୋଇ କଳହରୁ ଅଭିମାନ କରି ଜୀବନ ହାରିବାକୁ ଉଦ୍ୟମ! ପ୍ରାୟ ୫୦ ଫୁଟ୍ ଉଚ୍ଚ କେନାଲ ବ୍ରିଜ୍‌ର ଏକ ବିପଦପୂର୍ଣ୍ଣ ସ୍ଥାନରେ ବସି ରହିଥିବା ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ଦୀର୍ଘ ସମୟର ଉଦ୍ୟମ ପରେ ସୁରକ୍ଷିତ ଉଦ୍ଧାର କରିଛି ପୋଲିସ ଓ ଅଗ୍ନିଶମ ବିଭାଗ। ଏହି ଘଟଣା ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପଦା ଜାମପାଲି ନିକଟରେ ଘଟିଛି। ସୂଚନା ଅନୁସାରେ, ପଦା ଜାମପାଲି ନିକଟରେ ଜଳସେଚନ ବିଭାଗର କେନାଲ ବ୍ରିଜ୍‌ର ପ୍ରାୟ ୫୦ ଫୁଟ୍ ଉଚ୍ଚରେ ଥିବା ଏକ ଛୋଟିଆ ସ୍ଥାନରେ ନାବାଳିକା ଜଣକ ବିପଦପୂର୍ଣ୍ଣ ଭାବେ ବସି ରହିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ରାଜଗାଙ୍ଗପୁର ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ତୁରନ୍ତ ଅଗ୍ନିଶମ ବିଭାଗକୁ ଜଣାଇବା ସହ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ନାବାଳିକାଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ରିଜ୍ ତଳେ ଜାଲ ବିଛାଯାଇଥିଲା। ଏପରିକି ଥାନା ଅଧିକାରୀ ନିଜେ ବ୍ରିଜ୍ ଉପରକୁ ଚଢ଼ି ନାବାଳିକାଙ୍କୁ ବୁଝାସୁଝା କରିବା ସହ ସାହସିକତାର ସହ ଉଦ୍ଧାର କରିଥିଲେ। ଦୀର୍ଘ ଉଦ୍ୟମ ପରେ ନାବାଳିକାଙ୍କୁ ସୁରକ୍ଷିତ ଭାବେ ତଳକୁ ଅଣାଯାଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ଘରେ ଦୁଇ ଭଉଣୀଙ୍କ ମଧ୍ୟରେ ମୋବାଇଲ୍ ଫୋନ୍‌କୁ ନେଇ ଝଗଡ଼ା ହୋଇଥିଲା। ଏହାକୁ ନେଇ ମାଆ ତାଗିଦ୍ କରିବାରୁ ନାବାଳିକା ଜଣକ ରାଗ ଓ ଅଭିମାନରେ ଏଭଳି ଚରମ ପଦକ୍ଷେପ ନେବାକୁ ବ୍ରିଜ୍ ଉପରକୁ ଚଢ଼ି ଯାଇଥିବା ଜଣାପଡ଼ିଛି। ଉଦ୍ଧାର ପରେ ପୋଲିସ ନାବାଳିକାଙ୍କୁ ଥାନାକୁ ନେଇ ବୁଝାସୁଝା କରିଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ପରିବାର ଲୋକଙ୍କ ଜିମା ଦିଆଯିବା ନେଇ ସୂଚନା ମିଳିଛି। ପୋଲିସ ଓ ଅଗ୍ନିଶମ ବିଭାଗର ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଛି।

୨୯ ପ୍ଲଟର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ, ଶ୍ରୀଜଗନ୍ନାଥଙ୍କ ନାମକୁ ଫେରିଲା ୦.୧୧୫ ଏକର ଜମି



ଭୁବନେଶ୍ୱର : ପୁରୀ ତହସିଲ ଅନ୍ତର୍ଗତ ବଡ଼ଦେଉଳ ସାହି ମୌଜାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୧୯୯୭ ମସିହାରୁ ବିଚାରାଧୀନ ଥିବା ଏକ ଆବେଟମେଣ୍ଟ (**Abatement**) ମାମଲାର ନିଷ୍ପତ୍ତି ନିଆଯାଇ ଜମିର ରେକର୍ଡ ଅଫ୍ ରାଇଟ୍ସ (**ROR**) ସଂଶୋଧନ କରାଯାଇଛି। ଏହାଦ୍ୱାରା ବ୍ୟକ୍ତିବିଶେଷଙ୍କ ନାମରେ ରେକର୍ଡଭୁକ୍ତ ଥିବା ମୋଟ ୦.୧୧୫ ଏକର ଜମିର ମାଲିକାନା ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀକ୍ଷେତ୍ର ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ପୁରୀ ନାମରେ ସଂଶୋଧିତ ହୋଇଛି। ଏହି ପ୍ରକ୍ରିୟାରେ ମୋଟ ୧୯ଟି ଖାତା ଅନ୍ତର୍ଗତ ୨୯ଟି ପ୍ଲଟ୍ର ରେକର୍ଡ ସଂଶୋଧନ କରାଯାଇଛି। ଫଳରେ ଏହି ସମସ୍ତ ଜମିର ମାଲିକାନା ଆଉ କୌଣସି ବ୍ୟକ୍ତିବିଶେଷଙ୍କ ନାମରେ ନ ରହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡଭୁକ୍ତ ହୋଇଛି। ପ୍ରକାଶ ଥାଉକି ଶ୍ରୀକ୍ଷେତ୍ରରେ କେବଳ ଶ୍ରୀମନ୍ଦିର ପାଇଁ "ବଡଦେଉଳ ସାହି" ନାମରେ ଏକ ମୌଜା ରହିଅଛି, ଯାହାକି ସମଗ୍ର ରାଜସ୍ୱ ପ୍ରଶାସନରେ ଅନନ୍ୟ। ରାଜସ୍ୱ ବିଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଲ୍ୟାଣ୍ଡ ସେଲ୍ ଆରମ୍ଭ ହେବା ପରେ ମହାପ୍ରଭୁଙ୍କ ଭୂସମ୍ପତ୍ତିର ଚିହ୍ନଟ, ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ଗତିଶୀଳ କରାଯାଇଛି। ଏହି ପଦକ୍ଷେପ ଫଳରେ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଜମିର ଅବୈଧ ଜବରଦଖଲ ହଟାଇବା ସହ ଜମିର ରେକର୍ଡ ମହାପ୍ରଭୁଙ୍କ ନାମକୁ ଫେରାଇ ଆଣିବା ଦିଗରେ ଉଲ୍ଲେଖନୀୟ ସଫଳତା ମିଳୁଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ କୁମାର ପାଢ଼ୀ ମହାପ୍ରଭୁଙ୍କ ଭୂ- ସମ୍ପତ୍ତି ସୁରକ୍ଷାରେ ସହାୟତା କରୁଥିବା ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଦେବା ସହ ସମସ୍ତଙ୍କ ପାଇଁ ଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି।

ଜମି ପଟ୍ଟା ମିଳିଛି, ଭୂଲେଖରେ ନାହିଁ ନାଁ : ଧାନ ବିକ୍ରିରୁ ବଂଚିତ ୫ ବିସ୍ଥାପିତ ଗାଁର ଚାଷୀ

ମାର୍ଚ୍ଚ ସୁଦ୍ଧା ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ, ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ

ଝାରସୁଗୁଡା: ହୀରାକୁଦ ବିସ୍ଥାପିତଙ୍କ ଜମି ସମସ୍ୟାର ଅନ୍ତ ହେଉନାହିଁ। ହାତରେ ରହିଛି ଜମି ପଟ୍ଟା, ମିଳିଛି ରାଜସ୍ୱ ଗ୍ରାମର ମାନ୍ୟତା। ହେଲେ ସରକାରୀ ଭୂଲେଖରେ ନାହିଁ ଗାଁର ନାଁ। ଏଭଳି ସ୍ଥିତିରେ ନିଜ ଜମିରେ ଚାଷ କରୁଥିଲେ ମଧ୍ୟ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି ୫ଟି ବିସ୍ଥାପିତ ଗାଁର ଚାଷୀ। ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ୧୯୫୬ ମସିହାରେ ହୀରାକୁଦ ବନ୍ଧ ନିର୍ମାଣ ଯୋଗୁଁ ଭିଟାମାଟି ହରାଇ ବିସ୍ଥାପିତ ହୋଇଥିଲେ ଭଟଲି, ବରଙ୍ଗାମାଲ, ସରଡଙ୍ଗ, ବଡଲଗା ଓ ଭେଜିକୁଦ ଗ୍ରାମର ଲୋକେ। ଦୀର୍ଘବର୍ଷର ସଂଘର୍ଷ ପରେ ୨୦୨୪ ମସିହାରେ ଏହି ପାଂଚଟି ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିଲା। ଏହାପରେ ଗ୍ରାମବାସୀଙ୍କ ମଧ୍ୟରେ ଜମି ଅଧିକାରକୁ ନେଇ ନୂଆ ଆଶା ସଂଚାର ହୋଇଥିଲା। ଚାଷୀଙ୍କୁ ଜମି ପଟ୍ଟା ମଧ୍ୟ ବଂଟନ କରାଯାଇଥିଲା। ମାତ୍ର ଏଯାଏଁ ସରକାରୀ ଭୂଲେଖରେ ଗାଁ ଓ ଜମିର ନାମ ସାମିଲ ହୋଇନଥିବାରୁ ସମସ୍ୟା ଦୂର ହୋଇପାରିନାହିଁ। ଭୂଲେଖରେ ଜମି ନିଜ ନାମରେ ପଞ୍ଜୀକୃତ ହୋଇନଥିବାରୁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାରୁ ବଂଚିତ ହେଉଛନ୍ତି। ଫଳରେ ବାଧ ହୋଇ ଦଲାଲ ଓ ବାହାର ବେପାରୀଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରୁଛନ୍ତି। ପଟ୍ଟା ଥାଇ ମଧ୍ୟ ନିଜ ଜମିର ସମ୍ପୂ

କୋଶଳ ସମାଜ

ସୋମବାର ୨୩ ନଭେମ୍ବର ୨୦୨୬



ଐତିହାସିକ ବାଲିଯାତ୍ରା ପାଇଁ ସୁରକ୍ଷା କଡ଼ାକଡ଼ି, ମୁତୟନ ହେବେ ୭୦ ପ୍ଲାଟୁନ ପୋଲିସ ଫୋର୍ସ

ଭୁବନେଶ୍ୱର : ନଭେମ୍ବର ୨୪ ତାରିଖରୁ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା । ଏଥର ବାଲିଯାତ୍ରାରେ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହିତ ୪୦୦ ଅଫିସର ମୁତୟନ ହେବେ। ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବା ପାଇଁ ପଡ଼ିଆରେ ୩୮ଟି ୱାଚ୍ ଟାୱାର ନିର୍ମାଣ ହେବ । ୧୪ଶହ ସିସିଟିଭି କ୍ୟାମେରା ଲାଗିବ। ଏଥିସହିତ ୧୦୦ AI କ୍ୟାମେରା ରହିବ । ରାଷ୍ଟ୍ରପତିଙ୍କ ରୁଟ୍ ରେ ବାରିକେଟିଂ କରାଯିବ। ସହ ସାଦା ପୋଷାକରେ ପୋଲିସ ରହିବେ । ଏନେଇ କଟକ ଡିସିପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି । ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଜନସାଧାରଣଙ୍କ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଛି। ଖାଲି ସେତିକି ନୁହେଁ



ଐତିହାସିକ ବାଲିଯାତ୍ରାର ଆକର୍ଷଣକୁ ଦ୍ୱିଗୁଣିତ କରିବ ସାଂସ୍କୃତିକ ସନ୍ଧ୍ୟା । ଚଳିତବର୍ଷ ବଲିଉଡ୍ର ଦୁଇ ଲୋକପ୍ରିୟ କଣ୍ଠଶିଳ୍ପୀ ପାପନ୍ ଓ ଅମିତ ମିଶ୍ରଙ୍କ ସଙ୍ଗୀତରେ ଝୁମିବ କଟକ। ଦ୍ୱିତୀୟ ସଂଧ୍ୟାରେ ବୈଷ୍ଣବ ପାଣି ମଞ୍ଚରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ସୁନ୍ଦର ନୃତ୍ୟ ପରିବେଷଣ କରିବାକୁ ପ୍ରଶାସନ ପକ୍ଷରୁ ଯୋଜନା ହୋଇଛି । ଏହାସହ ତୃତୀୟ ସଂଧ୍ୟାରେ ପାପନ୍ ଆସିବାକୁ ଥିଲାବେଳେ ଶେଷ ସଂଧ୍ୟାରେ ଅମିତ୍ ମିଶ୍ର ଓ ତାଙ୍କ ଟିମ୍ ଝୁମାଇବେ । ଏହାବାଦ୍ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସୁଫି ସଙ୍ଗୀତର ମାହୋଲ ଓ ଅକ୍ଷୟ ମହାନ୍ତି ମଞ୍ଚରେ ବିଭିନ୍ନ କଣ୍ଠଶିଳ୍ପୀଙ୍କୁ ଦ୍ୱାରା ଅକ୍ଷୟ ମହାନ୍ତି ନାଇଟ୍ ମଞ୍ଚସ୍ଥ ହେବ । ଏନେଇ ଏବେ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି ।

ଲଖନପୁରରେ ନାହିଁ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା

ଝାରସୁଗୁଡ଼ା: ନିଜ ଅଂଚଳରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନଥିବାରୁ ମୃତଦେହକୁ ଧରି ୭୦ କିଲୋମିଟର ଦୂର ଝାରସୁଗୁଡ଼ା ଯିବାକୁ ପଡୁଛି। ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍ବାସୀ। ଓଡ଼ିଶାର ଦ୍ୱିତୀୟ ବୃହତମ ବ୍ଲକ୍ ଭାବେ ପରିଚିତ ଏହି ବ୍ଲକ୍ରେ ୩୩ଟି ପଂଚାୟତ ଓ ଲକ୍ଷାଧିକ ଜନସଂଖ୍ୟା ରହିଥିବା ବେଳେ ଏଠାରେ ଏକ ସ୍ଥାୟୀ ଶବ ବ୍ୟବଚ୍ଛେଦ ଗୃହ ନଥିବା ଚିନ୍ତାର ବିଷୟ ପାଲଟିଛି। ଲଖନପୁର ବ୍ଲକ୍ ମଧ୍ୟଦେଇ ଜାତୀୟ ରାଜପଥ-୪୯ ଯାଇଥିବାରୁ ଅଂଚଳରେ ନିୟମିତ ସଡ଼କ ଦୁର୍ଘଟଣା ଓ ବିଭିନ୍ନ ଅପମୃତ୍ୟୁ ଘଟଣା ଘଟୁଛି। ମାତ୍ର ଦୁର୍ଭାଗ୍ୟର ବିଷୟ, ଏଠାରେ ଶବ ବ୍ୟବଚ୍ଛେଦର କୌଣସି ସୁବିଧା ନାହିଁ। ଫଳରେ ପୁଲିସର ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ମୃତକଙ୍କ ପରିବାରବର୍ଗଙ୍କୁ ମୃତଦେହ ଧରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ସେଠାରେ ଶବ ବ୍ୟବଚ୍ଛେଦ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ପରିବାର ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଉଛି। ଶବ ବ୍ୟବଚ୍ଛେଦ ଓ ଫେରିବା ପ୍ରକ୍ରିୟାରେ ସନ୍ଧ୍ୟା ହୋଇଯାଉଥିବାରୁ ଅନେକ ସମୟରେ ସେହିଦିନ ଶବ ସତ୍କାର କରିବା ସମ୍ଭବ ହେଉନାହିଁ। ଏହାସହ ଗାଡ଼ି ଭଡ଼ା, ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଗରିବ ପରିବାରଗୁଡ଼ିକୁ ଧାରକରଜ କରିବାକୁ ପଡୁଛି। ଆତ୍ମୀୟଙ୍କୁ ହରାଇବାର ଅସହ୍ୟ ଦୁଃଖ ସହ ଏଭଳି ଆର୍ଥିକ ଓ ମାନସିକ ଯନ୍ତ୍ରଣା ସେମାନଙ୍କ ପାଇଁ ଦ୍ୱିଗୁଣିତ ବୋଝ ପାଲଟିଛି।

ଭିତର ପୃଷ୍ଠାର ଅବଶିଷ୍ଟାଂଶ

ରାଜ୍ୟରେ ୨୬ ଲକ୍ଷରୁ ଅଧିକ ଶିଶୁଙ୍କୁ ଦିଆଯିବ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସେଥିପାଇଁ ସମସ୍ତେ ମିଳିତ ଭାବେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା। ପ୍ରତ୍ୟେକ ଶିଶୁର ସୁରକ୍ଷା ସୁନିଶ୍ଚିତ କରିବା ସହ ଓଡ଼ିଶାକୁ ପୋଲିଓମୁକ୍ତ ରଖିବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ" ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ ଜୁନ୍ ମାସରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ପୋଲିଓ ଟିକାକରଣରେ ଓଡ଼ିଶାରେ ପା ବର୍ଷରୁ କମ୍ ବୟସର ପ୍ରାୟ ୩୭.୪୮ ଲକ୍ଷ ଶିଶୁଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଅଭିଯାନର ସଫଳ ରୂପାୟନ ପାଇଁ ୧୭ଟି ଜିଲ୍ଲାରେ ୧୨,୯୦୮ଟି ଟିକାକରଣ ବୁଥ୍ ସ୍ଥାପନ କରାଯାଇଛି। ରେଳ ଷ୍ଟେସନ୍, ବସ୍ ଷ୍ଟାଣ୍ଡ ଓ ପ୍ରମୁଖ ଯାତାୟାତ ସ୍ଥଳରେ ଶିଶୁମାନଙ୍କୁ ଟିକା ଦେବା ପାଇଁ ୭୩୯ଟି ଟ୍ରାଞ୍ଜିଟ୍ ଟିମ୍ ନିୟୋଜିତ ହେବା ସହ ଦୁର୍ଗମ ଅଞ୍ଚଳ, ନିର୍ମାଣସ୍ଥଳୀ, ଇଟାଭାଟି ଏବଂ ଅନ୍ୟାନ୍ୟ ଅପହଞ୍ଚ ଅଞ୍ଚଳରେ ଟିକାକରଣ ପାଇଁ ୪୦୦ଟି ମୋବାଇଲ୍ ଟିମ୍ କାର୍ଯ୍ୟ କରିବେ। ପ୍ରଥମ ଦିନ ବୁଥ୍ରେ ଟିକାକରଣ ଏବଂ ଦ୍ୱିତୀୟ ଓ ତୃତୀୟ ଦିନ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟର ତଦାରଖ ପାଇଁ ୨,୦୦୦ ଜଣ ସୁପରଭାଇଜର ନିୟୋଜିତ ହେବେ। ଏହାସହିତ କଟକର ପ୍ରସିଦ୍ଧ ବାଲିଯାତ୍ରା ପଡ଼ିଆରେ ସ୍ୱତନ୍ତ୍ର ପୋଲିଓ ଟିକାକରଣ କିଓସ୍କ ସ୍ଥାପନ କରାଯାଇଛି । ଯାତ୍ରାକୁ ଆସୁଥିବା କିମ୍ବା ଯାତ୍ରା ସମୟରେ ଯାତାୟାତ କରୁଥିବା କୌଣସି ଶିଶୁ ଯେପରି ଟିକାକରଣରୁ ବଂଚିତ ନହୁଏ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି।

ଏହି ଅଭିଯାନ ଅବସରରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ତଥା କମିଶନର ଏସ୍. ଏନ୍. ଗିରୀଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍ ଡ଼ି ଡ଼. ପରାଗ ଗଭାଲି, ସ୍ୱତନ୍ତ୍ର ସଚିବ (ଚିକିତ୍ସା ସେବା) ଡ଼. ବିଜୟ ମିଶ୍ର , ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ଼. ବିଷ୍ଣୁ ପ୍ରସାଦ ମହାପାତ୍ର, ଡ଼ ତାପସ କୁମାର ପାତ୍ର ଉପସ୍ଥିତ ଥିଲେ ।

ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ବିକାଶକୁ ମିଳିବ...

(ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ)ପ୍ରାକୃତିକ ସ୍ଥାନ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏହି ପର୍ଯ୍ୟଟନ ସ୍ଥଳଗୁଡ଼ିକର ଉନ୍ନତି ହେଲେ ଅଞ୍ଚଳର ଅର୍ଥନୀତିକୁ ନୂଆ ଶକ୍ତି ମିଳିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ଗାଇଡ୍, ହୋଟେଲ୍, ଯାତାୟାତ, ହସ୍ତଶିଳ୍ପ ଓ ଛୋଟ ବ୍ୟବସାୟ ମାଧ୍ୟମରେ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିବ। ଭୀମ ମଣ୍ଡଳୀର ବିକାଶ ପ୍ରକଳ୍ପ କେବଳ ଏକ ପର୍ଯ୍ୟଟନ ସ୍ଥଳର ଉନ୍ନତି ନୁହେଁ, ବରଂ ପଶ୍ଚିମ ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ଐତିହ୍ୟକୁ ଜାତୀୟ ସ୍ତରରେ ପରିଚିତ କରାଇବାର ଏକ ସୁଯୋଗ । ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ନିୟମିତ ରକ୍ଷଣାବେକ୍ଷଣ ଓ ସ୍ଥାନୀୟ ଲୋକଙ୍କ ସହଭାଗିତା ରହିଲେ ଏହି ସ୍ଥାନ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ଆକର୍ଷଣ ଭାବେ ଗଢ଼ିଉଠିବା ସମ୍ଭାବନା ରହିଛି।

କେବେ ଖୋଲିବ ରହସ୍ୟ କେବଳ 'ଗୁଡ୍ ମର୍ଣ୍ଣିଂ' ନା ଆଉ କିଛି କଥାବାର୍ତ୍ତା ହୋଇଥିଲା

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ପୁରୁଷୋ ମପୁର ଥାନା ସବ୍-ଇନ୍ସପେକ୍ଟର ପ୍ରଭାସିନୀ ସାହୁଙ୍କ ଅନ୍ତିମ ସତ୍କାର ଆଜି ଭୋରରେ ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଛି। ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଗତକାଲି ସନ୍ଧ୍ୟାରେ ପୁରୁଷୋ ମପୁର ଥାନା ପରିସରରେ ଥିବା ସରକାରୀ ବାସଭବନରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ରାତିରେ ଶବ ବ୍ୟବଚ୍ଛେଦ ସଂପନ୍ନ ହୋଇଥିଲା। ଏହା ପରେ ତାଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନେଇ ସତ୍କାର କରାଯାଇଥିଲା। ପ୍ରଭାସିନୀଙ୍କ ମୃତ୍ୟୁ ନେଇ ତାଙ୍କ ଶ୍ୱଶୁର ଘର ଲୋକେ ମୁହଁ ଖୋଲି ନାହାନ୍ତି। କେବଳ ତାଙ୍କ ଶ୍ୱଶୁର ଏନେଇ ଥାନାରେ ଏତଲା ଦେଇଥିଲେ। ସେହି ଅନୁସାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ଆଜି ପ୍ରଭାସିନୀଙ୍କୁ ବାପା, ଭାଇ ଓ ସଂପର୍କୀୟ ଭଉଣୀ ପୁରୁଷୋ ମପୁର ଥାନକୁ ଆସିଥିଲେ। ସେମାନେ



ପୁରୁଷୋ ମପୁର ଏସ୍ଡିପିଓ ଓ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେମାନେ ପ୍ରଭାସିନୀଙ୍କ ଝୁଲନ୍ତା ମୃତଦେହ ମିଳିଥିବା ସରକାରୀ ବାସଭବନକୁ ଯାଇଥିଲେ। ସେଠାରୁ ସେମାନେ ପ୍ରଭାସିନୀଙ୍କର କିଛି ସାମଗ୍ରୀ ନେଇଥିଲେ। କିନ୍ତୁ ସେମାନେ ଏହି ଘଟଣା ନେଇ ଗଣମାଧ୍ୟମରେ କୌଣସି ପ୍ରତିକ୍ରିୟା ରଖି ନଥିଲେ। ପୁରୁଷୋ ମପୁର ଏସ୍ଡିପିଓ ସୁଜିତ କୁମାର ନାୟକ ଏହି ଘଟଣାର ତଦନ୍ତ କରୁଛନ୍ତି। ପ୍ରଭାସିନୀଙ୍କ ସରକାରୀ ବାସଭବାନରୁ ତାଙ୍କ ମୋବାଇଲ ଫୋନ୍, ଲାପଟପ ଓ ଗୋଟିଏ ମେଡିକାଲ ରିପୋର୍ଟ ଜବତ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁ କିଭଳି ହେଲା, ତାହା ସ୍ପଷ୍ଟ ହୋଇପାରିବ ବୋଲି ଏସ୍ଡିପିଓ କହିଛନ୍ତି। ଏହା ସହିତ ତଦନ୍ତ ପରେ ସବୁ କଥା ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ଏହି ହ୍ୱାଟସ୍ଆପ୍ ମେସେଜ ସଂପର୍କରେ ଏସ୍ପି ଅଧିକ କିଛି କହି ନାହାନ୍ତି। ତେବେ ପ୍ରଭାସିନୀଙ୍କ ସ୍ୱାମୀ ଗୁଡ୍ ମର୍ଣ୍ଣିଂ ଲେଖି ପଠାଇଥିଲେ ଓ ପ୍ରଭାସିନୀ ଏହାର ଜବାବ ମଧ୍ୟ ଦେଇଥିଲେ। ସେ ବି ଗୁଡ୍ ମର୍ଣ୍ଣିଂ ଲେଖିଥିଲେ। ଗତକାଲି ସକାଳ ୬ଟା ୪୦ରେ ସେମାନଙ୍କ ମଧ୍ୟରେ ହ୍ୱାଟସଆପ୍ରେ ମେସେଜ ଦିଆନିଆ ହୋଇଥିଲା। ତେଣୁ ସକାଳ ୬ଟା ୪୦ ପରେ ଯାଇ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଏସ୍ପି କହିଛନ୍ତି ଯେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପ୍ରଭାସିନୀଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି। ଯାଞ୍ଚ ପାଇଁ ମୋବାଇଲ ଫୋନ୍ଟିକୁ ଫୋରେନ୍ସିକ୍ ଲାବକୁ ପଠାଯିବ। ସିଡିଆର ପାଇଁ ଆବେଦନ କରାଯାଇଛି। ସିଡିଆର ଆସିଲେ ସେ ଶେଷ ଥର ପାଇଁ କାହା ସହିତ କଥା ହୋଇଥିଲେ, ତାହା ଜଣାପଡ଼ିବ। ଏହା ସହିତ ତାଙ୍କ ବାପାମା, ଶାଶୁଶ୍ୱଶୁର ଓ ଅନ୍ୟ ସଂପର୍କୀୟମାନଙ୍କର ବୟାନ ରେକର୍ଡ କରାଯିବ। ପ୍ରଭାସିନୀଙ୍କ ଉପରେ କାମର ଚାପ ଥିଲା ବୋଲି ଅଭିଯୋଗ ହେଉଥିବା ବେଳେ ଏସ୍ପି ଏହାକୁ ଖଣ୍ଡନ କରିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, କାର୍ଯ୍ୟରେ ଯୋଗ ଦେବା ପରେ ପ୍ରଭାସିନୀଙ୍କୁ ୨୦ଟି ମାମଲା ଦିଆଯାଇଥିଲା। ବିଶେଷ କରି ମିସଲାନୀୟସ ମାମଲା ପ୍ରଦାନ କରାଯାଇଥିଲା। ଏଗୁଡ଼ିକରେ ଉଚ୍ଚ ଅଧିକାରୀଙ୍କର କିଛି ଚାପ ନଥାଏ। ଗତକାଲି ପ୍ରଭାସିନୀଙ୍କ ବଡ଼ ବାପା ଓ ଜେଜେ ମା' ତାଙ୍କର ମୃତ୍ୟୁ ପାଇଁ ପୁଲିସକୁ ଦାୟୀ କରିଥିବା ବେଳେ ପାରିବାରିକ କାରଣ ବି ଥାଇ ପାରେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଗତ ଏପ୍ରିଲ ମାସରେ ପ୍ରଭାସିନୀଙ୍କର ବିବାହ ହୋଇଥିଲା। ସେ ପୁରୀ ମୈତ୍ରୀ ବିହାର ଅଞ୍ଚଳରେ ବିବାହ କରିଥିଲେ। ତାଙ୍କ ସ୍ୱାମୀଙ୍କ ନାମ ସୁନୀଲ ବେହେରା। ସେ ରେଲବାଇରେ ଚାକିରି କରନ୍ତି।

ଶ୍ରୀମନ୍ଦିରରେ ନକଲି ଗୁମାସ୍ତାଙ୍କ ଦୌରାତ୍ମ୍ୟ

ସହଜରେ ଦର୍ଶନ କରାଇଦେବେ କହି ନେଇଗଲେ ୧୩ ହଜାର ଟଙ୍କା; ମୁଣ୍ଡ ପିଛା ହଜାରେ

ପୁରୀ: ପୁଣି ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ନକଲି ଗୁମାସ୍ତାଙ୍କ ରାଜ୍। ଏଥର ୧୦୦ କି ୫୦୦ ନୁହେଁ, ସହଜରେ ଦର୍ଶନ କରାଇବା କଥା କହି ୧୩ ହଜାର ଟଙ୍କା ନେଇ ଫେରାର ହୋଇଯାଇଛନ୍ତି ଜଣେ ନକଲି ଗୁମାସ୍ତା। ଜଣେ ମହିଳା ଶ୍ରଦ୍ଧାଳୁ ଆଣିଛନ୍ତି ଏହି ସାଂଘାତିକ ଅଭିଯୋଗ। ମୁରାରି ବାପୁଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆମେରିକାରୁ ଆସିଥିବା ୧୩ ଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ପହଞ୍ଚିଥିଲେ।ସେଠାରେ ନକଲି ଗୁମାସ୍ତା ଜଣଙ୍କ ସହଜରେ ଦର୍ଶନ କରାଇଦେବେ କହି ଜଣଙ୍କ ପିଛା ୧୦୦୦ ଟଙ୍କା ହିସାବରେ ୧୩ ଜଣଙ୍କ ଠାରୁ ୧୩୦୦୦ ଟଙ୍କା ନେଇଥିଲେ। କିନ୍ତୁ ଟଙ୍କା ନେବା ପରେ ସେ ସେଠାରୁ ଗାୟବ ହୋଇଯାଇଥିଲେ ବୋଲି ଅଭିଯୋଗ ହୋଇଛି। ସମ୍ପୃକ୍ତ ନକଲି ଗୁମାସ୍ତାଙ୍କୁ



କିଛି ଲୋକ ଅଟକ ରଖିଥିବା ଖବର ଆସିଥିଲା। ସେ ନକଲି ଗୁମାସ୍ତା ସାଜି ୧୩୦୦୦ ଟଙ୍କା ନେଇଥିବା ସନ୍ଦେହ କରାଯାଉଛି। ତେବେ ସେ ସେଠାରୁ କୁଆଡ଼େ ଚାଲିଯାଇଥିବା ନେଇ ଚର୍ଚ୍ଚା ହେଉଛି। ପଞ୍ଚୁକ ଯୋଗୁ ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ସହଜରେ ଦର୍ଶନ କରାଇ ଦେବାକୁ କହି ନକଲି ଗୁମାସ୍ତାମାନେ ଭକ୍ତଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ଏହା ପୁଲିସର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଦିନ ପୂର୍ବରୁ ସିଂହଦ୍ୱାର ଥାନା ପୁଲିସ ୯ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରିଥିବା ବେଳେ ଆଜି ଆଉ ଜଣେ ନକଲି ଗୁମାସ୍ତା ଭକ୍ତଙ୍କ ଠାରୁ ୧୩ ହଜାର ଟଙ୍କା ହଡ଼ପ କରିବା ଘଟଣା ସବୁ ସୀମା ପାର କରିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସମ୍ପୃକ୍ତ ନକଲି ଗୁମାସ୍ତା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

ଅସଦାଚରଣ ଅଭିଯୋଗ ଆଣିଲେ ଟେଲି ଅଭିନେତ୍ରୀ, ବାରରେ ଦୁର୍ବ୍ୟବହାର କଲେ ଯୁବକ

ଭୁବନେଶ୍ୱରରେ,୨୨/୧୧; ରାଜଧାନୀ ଭୁବନେଶ୍ୱରରେ ମହିଳାଙ୍କ ସୁରକ୍ଷାକୁ ନେଇ ବଢିଲା ଚିନ୍ତା । ଟେଲି ଅଭିନେତ୍ରୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି । ଚନ୍ଦ୍ରଶେଖରପୁରର ଏକ ବାର୍ ଓ ରେଷ୍ଟୁରା ରେ ଟିଭି ଅଭିନେତ୍ରୀଙ୍କୁ କିଛି ଯୁବକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ପୋଷ୍ଟ କରି ନିଜ ସହ ଘଟିଥିବା ଅସଦାଚରଣ ସମ୍ପର୍କରେ ଅଭିଯୋଗ ଆଣିଛନ୍ତି ଟେଲି ଅଭିନେତ୍ରୀ ସୋମାଲିନ ପରିଡ଼ା । ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ପରେ ପୁଲିସର ତଦନ୍ତ ଜାରି ରହିଛି । ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି ପୁଲିସ୍ । କାଲି ରାତିରେ ନିଜ ବନ୍ଧୁଙ୍କ ସହ ରେଷ୍ଟୁରାଣ୍ଟ ଯାଇଥିବା ବେଳେ ଅସଦାଚରଣର ଶିକାର ହୋଇଛନ୍ତି ଅଭିନେତ୍ରୀ । ନିଜ ସହ ଘଟିଥିବା ଅସଦାଚରଣ ସମ୍ପର୍କରେ ଅଭିଯୋଗ ଆଣି ସିଏମ୍ଓ ଓଡ଼ିଶାକୁ ଟ୍ୟାଗ୍ କରି ସୋସିଆଲ ମିଡିଆରେ ଅଭିନେତ୍ରୀ ଲେଖିଛନ୍ତି, 'ଗତକାଲି ରାତିରେ ଜଣେ ବନ୍ଧୁଙ୍କ ସହ ସମ୍ପୃକ୍ତ



ରୋମିଓ ଲେନ୍ ବାର ଓ ରେଷ୍ଟୁରାଣ୍ଟକୁ ଯାଇଥିଲେ । ଏହି ସମୟରେ ସେଠାରେ କିଛି ଅସାମାଜିକ ଯୁବକ ତାଙ୍କୁ ଅସଦାଚରଣ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିବା ସେ ଅଭିଯୋଗ କରିଛନ୍ତି । ସେଠାରେ ଉପସ୍ଥିତ ବାଉନ୍ସର ଏବଂ ମ୍ୟାନେଜମେଣ୍ଟ ବି କିଛି କରିପାରିନଥିଲେ। ସମସ୍ତେ ସେଠି ନୀରବଦ୍ରଷ୍ଟା ସାଜିଥିଲେ । ଏହି ଘଟଣାକୁ ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି । ଏଫଆଇର୍ ଦାୟର ହୋଇଛି । ମ୍ୟାନେଜମେଣ୍ଟ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଭିନେତ୍ରୀ । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି । ସେ ଆହୁରି ଲେଖିଛନ୍ତି ଯେଉଁଠି ମ୍ୟାନେଜମେଣ୍ଟ, ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବିଫଳ ହୁଅନ୍ତି ଏବଂ ସେମାନଙ୍କ ନଜରରେ ଏପରି ଘଟଣା ଘଟାଇବାକୁ ଦିଅନ୍ତି, ସେଗୁଡିକ ତୁରନ୍ତ ବନ୍ଦ କରିବା ଉଚିତ୍ । ସାର୍ବଜନୀନ ସୁରକ୍ଷା ଇଚ୍ଛାଧୀନ ନୁହେଁ, ଏବଂ ଏପରି ଅବହେଳାର ପରିଣାମ ନିଶ୍ଚିତ ଭାବରେ ଭୋଗିବାକୁ ପଡିବ।

କୋଲାବିରାରେ ସମଲେଶ୍ୱରୀ ସାହିତ୍ୟ ସଂସଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସ୍ଥିତ ସମଲେଶ୍ୱରୀ ସାହିତ୍ୟ ସଂସଦର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଉତ୍ସବ, ବାର୍ଷିକ ପତ୍ରିକା ଅଗ୍ନିତୀର୍ଥର ଉନ୍ମୋଚନ ଓ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ରବିବାର ସ୍ଥାନୀୟ ଶହୀଦ କରୁଣାକର ପାର୍କ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରଜ୍ଞା ସୌରଭ ଶୋଭାଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ଉଦଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଅନୁଷ୍ଠିତ ସଭାରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନ

କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

୧୧,୫୫୪ କୋଟି ଦାନ କଲେ ଭାରତୀୟ : ୨,୫୯୩ କୋଟି ଦେଇ ଶୀର୍ଷରେ ଶିବ ନାଦାର,୨ୟରେ ଆଦାନି, ବଜାଜ୍ ୩ୟ



ନୂଆଦିଲ୍ଲୀ : ଭାରତର ସବୁଠୁ ବଡ଼ ପରୋପକାରୀ ବ୍ୟକ୍ତି ୨୦୨୫-୨୬ ଆର୍ଥିକ ବର୍ଷରେ ୧୧,୫୫୪ କୋଟି ଦାନ କରିଛନ୍ତି, ଯାହା ପୂର୍ବ ବର୍ଷଠୁ ୧୧% ଅଧିକ । ଦେଶର ମୋଟ୍ ଦାନରାଶିରେ ହାତଗଣତି ଦାତାଙ୍କ ଦାନ ସର୍ବାଧିକ । ସଦ୍ୟତମ ଏଡେଲଗିଭ୍ ହୁରୁନ୍ ଇଣ୍ଡିଆ ପରୋପକାରୀ ତାଲିକା ଦର୍ଶାଇଛି, ମୋଟ୍ ୨୧୯ ଜଣ ଏଥିରେ ଯୋଗଦାନ ଦେଇଛନ୍ତି। ତନ୍ମଧ୍ୟରେ ଶୀର୍ଷ ୧୦ ପରୋପକାରୀଙ୍କ ଦାନ ମୋଟ୍ ଦାନ ରାଶିର ୫୭ ପ୍ରତିଶତ । ଶିବ ନାଦାର ଓ ତାଙ୍କ ପରିବାର ଭାରତର ସବୁଠୁ ଦୟାଶୀଳ ପରୋପକାରୀ ଟାଇଟଲ ଲଗାତାର ୫ମ ଥର ବଜାୟ ରଖିଛନ୍ତି । ୨୫-୨୬ ଆର୍ଥିକ ବର୍ଷରେ ସେ ୨,୫୯୩ କୋଟି ଟଙ୍କା ଦାନ କରିଛନ୍ତି, ଅର୍ଥାତ୍ ଦିନକୁ ୭.୧ କୋଟି । ଆଦାନି ଓ ତାଙ୍କ ପରିବାର ଦାନ ରାଶିକୁ ଦୁଇଗୁଣରୁ ଅଧିକ ବଢ଼ାଇ ୮୭୭ କୋଟି କରିଛନ୍ତି, ଯାହା ଦ୍ୱାରା ସେମାନେ ୩ୟ ସ୍ଥାନ ଉପରକୁ ଉଠି ୨ୟରେ ଅଛନ୍ତି । ୬୩୨ କୋଟି ଦାନ ସହିତ ୩ୟ ସ୍ଥାନରେ ରହିଛି ବଜାଜ୍ ପରିବାର। ତାଲିକାରେ ନୂଆ ପରୋପକାରୀଙ୍କ ସଂଖ୍ୟା ପୂର୍ବ ବର୍ଷ ୧୨ ଥିବାବେଳେ ଏ ବର୍ଷ ୪୫ ହୋଇଛି । ନୂଆ ଦାତା ମୋଟ୍ ୬୯୬ କୋଟି ଦାନ କରିଛନ୍ତି । ଶୀର୍ଷ ୧୦ ପରୋପକାରୀ ମୋଟ୍ ୬,୫୭୨ କୋଟି ଦାନ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୩% ଅଧିକ । ଶୀର୍ଷ ୧୦ ପରୋପକାରୀଙ୍କ ମଧ୍ୟରେ ସ୍ଥାନ ପାଇବାର ଦାନ ସୀମା ୨୦୨୫ରେ ୧୭୩ କୋଟି ଥିଲା, ଯାହା ୨୧୫ କୋଟିକୁ ବୃଦ୍ଧି ହୋଇଛି । ଭାରତର ସବୁଠୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ଦାନର ପରିମାଣ କେତେ ବଢ଼ିଛି, ଏହି ତାଲିକା ତାହା ଦର୍ଶାଇଛି । ଦାନ ରାଶିରେ ସର୍ବାଧିକ ବୃଦ୍ଧି କରିଛନ୍ତି ଆଦାନି ଓ ତାଙ୍କ ପରିବାର । ଦାନ ରାଶିରେ ସେମାନେ ୪୯୧ କୋଟି ଯୋଡ଼ିଛନ୍ତି, ଯାହା ବଢ଼ି ୮୭୭ କୋଟି ହୋଇଛି । ଗତ ବର୍ଷ ତୁଳନାରେ ଏହା ୧୨୭% ଅଧିକ। ମୁକେଶ ଅମ୍ବାନି ଓ ତାଙ୍କ ପରିବାର ୬୨୦ କୋଟି ଦାନ ସହିତ ୪ର୍ଥ ସ୍ଥାନରେ ଅଛନ୍ତି । ୩୮୦ କୋଟି ଦାନ ସହିତ ୫ମରେ ଅଛନ୍ତି ନନ୍ଦନ ନିଲେକାନୀ । ସାଇରସ୍ ପୂନାୱାଲା ଓ ଆଦାର ପୂନାୱାଲା ସେମାନଙ୍କ ଦାନକୁ ଦି'ଗୁଣ କରି ୩୩୬ କୋଟି କରିଛନ୍ତି, ଯାହା ଗତ ବର୍ଷ ତୁଳନାରେ ୯୪% ଅଧିକ । ସୁଧୀର ମେହତା ଓ ସମୀର ମେହତା ୩୩୪ କୋଟି ଦାନ କରିଛନ୍ତି, ଯାହା ୭୭% ଅଧିକ । ରଞ୍ଜନ ପାଇ ଓ ତାଙ୍କ ପରିବାର ୨୧୯ କୋଟି ଦାନ ସହିତ ୯ମ ସ୍ଥାନ ହାସଲ କରିଛନ୍ତି। ୯୮ ପ୍ରତିଶତ ରାଶି ତାଙ୍କର ବ୍ୟକ୍ତିଗତ ଦାନ । ଇନଫ୍ରାସିସ୍ ସହ-ପ୍ରତିଷ୍ଠାତା ଓ ସେମାନଙ୍କ ପରିବାର ମୋଟ୍ ୯୨୦ କୋଟି ଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ ନନ୍ଦନ ନିଲେକାନୀ, ରୋହିଣୀ ନିଲେକାନୀ, ଏସ୍ ଗୋପାଳକ୍ରୀଷ୍ଣନ୍, କେ ଦିନେଶ, କୁମାରୀ ଶିବୁଲାଲ ଓ ଏନ୍ଆର୍ ନାରାୟଣ ମୂର୍ତ୍ତି ଚଳିତ ବର୍ଷ ଏହି ତାଲିକାରେ ସାମିଲ ହୋଇଛନ୍ତି । ଏହି ରିପୋର୍ଟ ବ୍ୟକ୍ତିଗତ ଦାନ ରାଶି ବୃଦ୍ଧି ଉପରେ ଆଲୋକପାତ କରିଛି। ତାଲିକାରେ ସାମିଲ ୪୨ ଜଣ ପରୋପକାରୀ ବ୍ୟକ୍ତି ବ୍ୟକ୍ତିଗତ ଦାନ କରିଛନ୍ତି । ସେମାନଙ୍କ ସଂଖ୍ୟା ଗତ ବର୍ଷ ୩୧ ଥିଲା । ଏମାନଙ୍କ ବ୍ୟକ୍ତିଗତ ଦାନ ୫,୪୧୩ କୋଟି, ଯାହା ମୋଟ୍ ଦାନର ୪୭% । ସୂଚନାଯୋଗ୍ୟ, ଏହି ତାଲିକାରେ ସ୍ଥାନ ପାଇବା ପାଇଁ ମାର୍ଚ୍ଚ ୩୧, ୨୦୨୬ରେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସର୍ବନିମ୍ନ ୫ କୋଟି ଟଙ୍କା ଦାନ କରିବା ଆବଶ୍ୟକ । ଏଡେଲଗିଭ୍ ଫାଉଣ୍ଡେସନ୍ର ସିଇଓ ନଗ୍ମା ମୁଲ୍ଲା କହିଛନ୍ତି, ତାଲିକାରେ ପରୋପକାରୀଙ୍କ ସଂଖ୍ୟା ୨୦୧୪ରେ ୫୦ ଥିଲା । ଚଳିତ ବର୍ଷ ୨୧୯ ହୋଇଛି, ଯାହା ୩୩୮% ବୃଦ୍ଧି । ପରୋପକାର ଅର୍ଥର ସର୍ବାଧିକ ପରିମାଣ ଶିକ୍ଷାକୁ ଯାଇଛି। ୨୦୦ ପରୋପକାରୀ ବ୍ୟକ୍ତି ଶିକ୍ଷା କ୍ଷେତ୍ରକୁ ୪,୧୮୮ କୋଟି ଦାନ କରିଛନ୍ତି, ଯାହା ମୋଟ୍ ଦାନର ୩୬ ପ୍ରତିଶତ । ସ୍ୱାସ୍ଥ୍ୟସେବା ଲାଗି ଦାନ ରାଶି ୮୨ ପ୍ରତିଶତ ବଢ଼ି ୧,୭୬୮ କୋଟି ହୋଇଛି । କଳା, ସଂସ୍କୃତି, ଐତିହ୍ୟକୁ ୧,୩୭୭ କୋଟି ଦାନ ମିଳିଛି, ଯାହା ମୁଖ୍ୟତଃ ଶିବ ନାଦାର ଓ ତାଙ୍କ ପରିବାରରୁ ଆସିଛି ।

ସୋନିଆଙ୍କ ପୈତୃକ ଘର ହେବ ମ୍ୟୁଜିୟମ: ଗାନ୍ଧୀ ପରିବାରକୁ ଶିଖ୍ ବ୍ୟକ୍ତିଙ୍କ ଅପିଲ୍



ନୂଆଦିଲ୍ଲୀ,୨୨ ।୧୧: ଇଟାଲୀରେ ଥିବା କଂଗ୍ରେସ ସଂସଦୀୟ ଦଳର ନେତ୍ରୀ ସୋନିଆ ଗାନ୍ଧୀଙ୍କ ପୈତୃକ ଘରକୁ ନେଇ ଚର୍ଚ୍ଚା। ଏହି ଘରକୁ କିଣିଥିବା ପଞ୍ଜାବର ଶିଖ ପରିବାର ଆଜି ବି ସୋନିଆ ଗାନ୍ଧୀଙ୍କ ଫେରିବା ବାଟକୁ ଅପେକ୍ଷା କରିଛନ୍ତି। ଘରର ମାଲିକ ସୁଖଦେବ ସିଂହ କାଙ୍ଗଙ୍କ ଇଚ୍ଛା, ସୋନିଆ ଗାନ୍ଧୀ ଦିନେ ନିଜ ପରିବାର ସହ ଏହି ଘରେ ପାଦ ଦେବେ ଏବଂ ନିଜ ପିଲାଦିନର ସ୍ମୃତିକୁ ପୁଣି ଥରେ ଅନୁଭବ କରିବେ। ଏପରିକି ସେ କହିଛନ୍ତି, ସୋନିଆ ଗାନ୍ଧୀ ଯେବେ ବି ଇଟାଲୀ ଆସିବେ, ସେ ନିଜେ ଘରର ଚାବି ତାଙ୍କ ହାତରେ ଦେବେ। ଇଟାଲୀର ଭିଚେଞ୍ଜା ପ୍ରଦେଶର ଲୁଜିଆନା ଗାଁରେ ରହିଛି ସୋନିଆ ଗାନ୍ଧୀଙ୍କ ପୈତୃକ ଘର। ଏହି ତିନି ମହଲା ବିଶିଷ୍ଟ ଘରକୁ ୨୦୨୦ ମସିହାରେ କିଣିଥିଲେ ପଞ୍ଜାବର ହୋଶିଆରପୁର ଜିଲ୍ଲାର ଜହୁରା ଗାଁର ବାସିନ୍ଦା ସୁଖଦେବ ସିଂହ କାଙ୍ଗ। ସେ ୧୯୯୨ରୁ ଇଟାଲୀରେ ରହୁଛନ୍ତି। ସୁଖଦେବଙ୍କ କହିବା ଅନୁସାରେ, ଏକ ସଂଯୋଗବଶତଃ ସେ ଏହି ଘର ବିଷୟରେ ଜାଣିବାକୁ ପାଇଥିଲେ। ୨୦୨୦ରେ କରୋନା ଲକଡାଉନ୍ ପରେ ଇଟାଲୀର ଜଣେ କୃଷି ବିଭାଗ ଅଧିକାରୀଙ୍କ ସହ ମଧ୍ୟାହ୍ନ ଭୋଜନ ସାରି ଫେରୁଥିବା ବେଳେ ରାସ୍ତାରେ ଦୁର୍ଘଟଣା ଯୋଗୁଁ ତାଙ୍କୁ ଅନ୍ୟ ରାସ୍ତାରେ ଯିବାକୁ ପଡ଼ିଥିଲା। ସେହି ସମୟରେ ଅଧିକାରୀ ତାଙ୍କୁ ସୋନିଆ ଗାନ୍ଧୀଙ୍କ ପୈତୃକ ଘର ଦେଖାଇଥିଲେ। ଘରର ସୁନ୍ଦରତା ଓ ଆକର୍ଷଣରେ ପ୍ରଭାବିତ ହୋଇ ସେ ଏହାର ପୂର୍ବତନ ମାଲିକଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ସଂଯୋଗକ୍ରମେ ପୂର୍ବତନ ମାଲିକ ମଧ୍ୟ ଚାହୁଁଥିଲେ ଯେ ଏହି ଘର କୌଣସି ଭାରତୀୟ କିମ୍ବା ଶିଖ ପରିବାର ହାତକୁ ଯାଉ, ଯିଏ ସୋନିଆ ଗାନ୍ଧୀଙ୍କ ସ୍ମୃତି ଓ ଘରର ଗରିମାକୁ ବଜାୟ ରଖିବେ। ଏହାପରେ ସୁଖଦେବ ୨୦୨୦ରେ ଗୁରୁ ନାନକ ଦେବଜୀଙ୍କ ଗୁରୁପର୍ବ ସମୟରେ ଏହି ଘର କିଣିଥିଲେ।

ଟିଭି ବିତର୍କରେ ହାଇଡ୍ରାମା : ମୁଥ-ଲାତ ମରାମରି ହେଲେ ଅତିଥି, ଏଡିଟ୍ ନ କରି ପ୍ରସାରିତ ଚ୍ୟାନେଲ୍



ନୂଆଦିଲ୍ଲୀ,୨୧/୧୧; ଟିଭିରେ ବିତର୍କ ଚାଲୁଥିଲା । ଆଙ୍କରଙ୍କ ପ୍ରଶ୍ନରେ ଅତିଥିଙ୍କ ମଧ୍ୟରେ ଚାଲିଥିବା ଆଲୋଚନା । ଦର୍ଶକ ଦେଖୁଥିଲେ। ହଠାତ୍ ଆରମ୍ଭ ହେଲା ହାଇଡ୍ରାମା । ଆଲୋଚନାରେ ଉପସ୍ଥିତ ଅତିଥିଙ୍କ ମଧ୍ୟରେ ଆରମ୍ଭ ହେଲା ଗାଳିଗୁଲଜ । ଝଗଡ଼ାରେ ସୀମିତ ନଥିଲା ମୁଥ ମରାମରି ଯାଏ ପହଞ୍ଚିଲା କଥା । ଦୁଇ ଅତିଥି ପରସ୍ପରକୁ ମୁଥ-ଲାତ ମାରି ଚାଲିଥିଲେ । ଚ୍ୟାନେଲ ଏହାକୁ ଏଡିଟ୍ ନ କରି ପ୍ରସାରିତ କଲା। ଆର୍ମେନିଆର ସରକାରୀ ଟିଭି ଚ୍ୟାନେଲ୍ରେ ଏକ ରାଜନୈତିକ ଚର୍ଚ୍ଚା ସମୟର ଦୃଶ୍ୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି । ରାଜନୈତିକ ଚର୍ଚ୍ଚାରେ ଉପସ୍ଥିତ ଦୁଇ ଅତିଥିଙ୍କ ମଧ୍ୟରେ ପ୍ରଥମେ ଗାଳିଗୁଲଜ ଓ ତା'ପରେ ମାରପିଟ୍ ହୋଇଛି । ଉଭୟ ପରସ୍ପରକୁ ମୁଥ-ଲାତ ମାରି ଚାଲିଲେ। ଆଶ୍ଚର୍ଯ୍ୟର କଥା, ଚ୍ୟାନେଲ ପୂରା ଘଟଣାକ୍ରମକୁ ଆଦୌ ଏଡିଟ୍ ନ କରି ଟିଭିରେ ପ୍ରସାରିତ କଲା । ଏ ନେଇ ଆର୍ମେନିଆର ଟେଲିଭିଜନ୍ ଓ ରେଡିଓ କମିଶନ (ସିଟିଆର) ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଭିଡିଓ ଆର୍ମେନିଆର ସରକାରୀ ଚ୍ୟାନେଲ ପବ୍ଲିକ୍ ଟେଲିଭିଜନ୍ କମ୍ପାନି ଅଫ୍ ଆର୍ମେନିଆ (୧ଟିଭି)ର କାର୍ଯ୍ୟକ୍ରମ 'ଦ ଗ୍ରେଟ୍ ଡିବେଟ୍'ର । ବିତର୍କରେ ସମ୍ପାଦିକ ବୋରିସ ମୁରାଜୀ ଓ ରାଜନୈତିକ ସମୀକ୍ଷକ ହରୁତ୍ୟୁନ ମକ୍ରତଚ୍ୟାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିପକ୍ଷର ରାଜନୈତିକ ଏଜେଣ୍ଡା ଉପରେ ଚର୍ଚ୍ଚା ହେଉଥିଲା । ଏହି ସମୟରେ ମକ୍ରତଚ୍ୟାନ ମୁରାଜୀଙ୍କ ରାଜନୈତିକ ସଚ୍ଚୋଟତା ଓ ତାଙ୍କ ସମ୍ପର୍କ ଉପରେ ପ୍ରଶ୍ନ କଲେ । ଏମିତିକି ତାଙ୍କୁ 'ପଲିଟିକାଲ ପ୍ରଷ୍ଟିଚ୍ୟୁଟ୍' କହିଦେଲେ ଏବଂ ଆପତ୍ତିଜନକ ଗାଳି କଲେ। ଏହା ପରେ ମୁରାଜୀ ଆଉ କ୍ରୋଧ ସମ୍ବରଣ କରିପାରିଲେନି। ପୋଡିୟମ୍ରୁ ଉଠି ମକ୍ରତଚ୍ୟାନଙ୍କ ପାଖରେ ପହଞ୍ଚିଲେ ଓ ତାଙ୍କୁ ମୁଥ ମାରିଲେ । ଦେଖୁଦେଖୁ ଉଭୟଙ୍କ ମଧ୍ୟରେ ହାତାହାତି ଆରମ୍ଭ ହୋଇଗଲା। ଷ୍ଟୁଡିଓରେ ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନେ ଉଭୟଙ୍କୁ ଅଲଗା କଲେ । ଏ ମାମଲାରେ ଟିଭି ଚ୍ୟାନେଲର ଭୂମିକା ଉପରେ ପ୍ରଶ୍ନ ଉଠୁଛି । କାର୍ଯ୍ୟକ୍ରମ ସିଧାପ୍ରସାରଣ ନ ଥିଲା, ପୂର୍ବରୁ ରେକର୍ଡ କରାଯାଇଥିଲା । ଏହା ସତ୍ତ୍ୱେ ଚ୍ୟାନେଲ ହିଂସା ଓ ଆପତ୍ତିଜନକ ଗାଳିଗୁଲଜ ଦୃଶ୍ୟକୁ ପ୍ରସାରିତ କଲା ।

ପିଲାଙ୍କୁ ୟୁଟ୍ୟୁବ୍ ନିଶା, ଆମେରିକା ସ୍କୁଲକୁ ଦେବ ୨୭,୮୦୦କୋଟି ଟଙ୍କା



ନୂଆଦିଲ୍ଲୀ: ସୋସିଆଲ ମିଡିଆର ବ୍ୟବହାର ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ପାଇଁ ଚିନ୍ତାର ବିଷୟ ହୋଇଛି । ଏ ମାମଲାରେ ଏବେ ୟୁଟ୍ୟୁବକୁ ବଡ଼ ଝଟକା ଲାଗିଛି । ଗୁଗଲର ଭିଡିଓ ପ୍ଲାଟଫର୍ମ ୟୁଟ୍ୟୁବ୍ ଆମେରିକାର ଶତାଧିକ ସ୍କୁଲ ସହ ଏକ ବଡ଼ ଚୁକ୍ତି କରିଛି । ଏ ବାବଦରେ ପ୍ରାୟ ୩ ବିଲିଅନ ଡଲାର ଅର୍ଥାତ୍ ୨୭,୮୦୦ କୋଟି ଟଙ୍କା ଦେବାକୁ ସହମତି ଜଣାଇଛି। ସ୍କୁଲଗୁଡ଼ିକ ୟୁଟ୍ୟୁବ୍ ବିରୋଧରେ ଅଭିଯୋଗ ଆଣିଥିଲେ, ଏହି ପ୍ଲାଟଫର୍ମ ଅନେକ ଫିଚର୍ ଜରିଆରେ ପିଲାଙ୍କର ନିଶା ବଢ଼ାଉଛି ଏବଂ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ବିଗାଡୁଛି । ଏହି ଫିଚର୍ ଯୋଗୁ ପିଲା-କିଶୋର କିଶୋରୀ ଲଗାତାର ଭିଡିଓ ଦେଖୁଛନ୍ତି ଏବଂ ସହଜରେ ପ୍ଲାଟଫର୍ମରୁ ବାହାରି ପାରୁନାହାନ୍ତି। ଏହା ଫଳରେ ସେମାନଙ୍କ ଅବସାଦ, ଉଦବେଗ ଓ ଖାଦ୍ୟ ବିକାର ଭଳି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବଢୁଛି। ନ୍ୟୁୟର୍କ ସିଟି ଓ ଲସ୍ ଏଞ୍ଜେଲସଠୁ ଛୋଟ ସମୁଦାୟ ଯାଏ ଅନେକ ଜିଲ୍ଲାରେ ମେଟା ପ୍ଲାଟଫର୍ମ, ସ୍ନାପ୍ ଓ ଟିକ୍ଟକ୍ ବିରୋଧରେ ମକଦ୍ଦମା ଦାୟର ହୋଇଛି । ରିପୋର୍ଟ ଅନୁସାରେ, ଏହି ଚୁକ୍ତିରେ ପିଲାଙ୍କ ପାଇଁ ସୁରକ୍ଷା ଉପାୟ ଲାଗୁ ଆଦି ସାମିଲ। ଏହାକୁ ଚୂଡ଼ାନ୍ତ ରୂପ ଦେବାରେ କିଛି ମାସ ଲାଗିବ । ଯେକୌଣସି ଚୁକ୍ତିକୁ କାଲିଫର୍ନିଆର ଓକ୍ଲାଣ୍ଡରେ ଆମେରିକୀୟ ଜିଲ୍ଲା ଜଜ୍ ୟଭୋନ ଗୋଂଜାଲେଜ ରୋଜର୍ସଙ୍କଠୁ ମଞ୍ଜୁରି ପ୍ରାପ୍ତ କରିବାକୁ ହେବ । ସେ ଏହି ମାମଲାର ତଦାରଖ କରୁଛନ୍ତି । ସ୍କୁଲଗୁଡ଼ିକର ଅଭିଯୋଗ ଯେ ଫୋନ୍ ଉପରେ କଟକଣା ଲାଗୁ କରିବା ଓ ମାନସିକ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ରଖିବାରେ ସେମାନଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ସେଥିପାଇଁ ସେମାନେ ପାଣ୍ଠି ସହିତ ପ୍ଲାଟଫର୍ମରେ ପରିବର୍ତ୍ତନ ଦାବି କରିଛନ୍ତି । ଗତ ଅଗଷ୍ଟରେ ମେଟା ଆଗାମି ୧୦ ବର୍ଷରେ ୧୮ ବିଲିଅନ ଡଲାର (ହାରାହାରି ୧,୬୬,୮୬୦ କୋଟି ଟଙ୍କା) ଦେବାକୁ ଏବଂ ପିଲାଙ୍କ ଫେସ୍ବୁକ୍ ଓ ଇନ୍ଷ୍ଟାଗ୍ରାମ୍ ବ୍ୟବହାରକୁ କଡ଼ାକଡ଼ି ଭାବେ ସୀମିତ କରିବାକୁ ସହମତି ପ୍ରଦାନ କରିଥିଲା ।

ପ୍ରଥମ ବିଦେଶ ଗସ୍ତରେ ଭାରତ ଆସିଲେ ନେପାଳ ଚଗ ବାଲେନ୍ ଶାହ, ପିଏମ୍ ମୋଦି ଏବଂ ରାଷ୍ଟ୍ରପତିଙ୍କ ପାଇଁ ଆଣିଛନ୍ତି ଏହି ଉପହାର



ନୂଆଦିଲ୍ଲୀ,୨୨ ।୧୧: ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ଓରଫ୍ ବାଲେନ୍ ଶାହ ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି। ପ୍ରଧାନମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହୋଇଥିବା ବେଳେ ମଧ୍ୟ ପ୍ରଥମ ବିଦେଶ ଗସ୍ତ। ନଭେମ୍ବର ୨୨ ଓ ୨୩ ତାରିଖରେ ସେ ଭାରତରେ ରହିବେ। ଏହି ଗସ୍ତ ସମୟରେ ସେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦୁଇଟି ସ୍ୱତନ୍ତ୍ର ମୂର୍ତ୍ତି ଉପହାର ଦେବେ। ଏହି ମୂର୍ତ୍ତିଗୁଡ଼ିକ ନେପାଳର ଧାର୍ମିକ, ସାଂସ୍କୃତିକ ଓ ଐତିହାସିକ ପରମ୍ପରାର ପ୍ରତୀକ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବାଲେନ୍ ଶାହ ମଚ୍ଛିନ୍ଦ୍ରନାଥଙ୍କ ଏକ ମୂର୍ତ୍ତି ଉପହାର ଦେବେ। ଏହି ଦେବତା ନେପାଳର ଧାର୍ମିକ ଓ ସାଂସ୍କୃତିକ ପରିଚୟ ସହ ଗଭୀର ଭାବେ ଜଡ଼ିତ। ବିଶେଷକରି କାଠମାଣ୍ଡୁ ଉପତ୍ୟକାରେ ରାତୋ ମଚ୍ଛିନ୍ଦ୍ରନାଥଙ୍କୁ ପ୍ରମୁଖ ଦେବତା ଭାବେ ପୂଜା କରାଯାଏ। ପାରମ୍ପରିକ ନେପାଳୀ ମାନ୍ୟତା ଅନୁସାରେ, ଲିଚ୍ଛବି ରାଜବଂଶର ରାଜା ନରେନ୍ଦ୍ର ଦେବ ବର୍ତ୍ତମାନର ଆସାମରୁ ରାତୋ ମଚ୍ଛିନ୍ଦ୍ରନାଥଙ୍କୁ କାଠମାଣ୍ଡୁ ଉପତ୍ୟକାକୁ ଆଣିଥିଲେ। ଏହି କାରଣରୁ ନେପାଳର ଲୋକଙ୍କ ପାଇଁ ଏହି ଦେବତାଙ୍କ ବିଶେଷ ମହତ୍ତ୍ୱ ରହିଛି। ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବାଲେନ୍ ଶାହ କାଠମାଣ୍ଡୁର ଚାବାହିଲ ସ୍ଥିତ ଚାରୁମତି ବିହାର ସହ ଜଡ଼ିତ ଏକ ମୂର୍ତ୍ତି ଉପହାର ଦେବେ। ଏହି ବିହାରର ଇତିହାସ ମୌର୍ଯ୍ୟ ସମ୍ରାଟ ଅଶୋକ ଏବଂ ତାଙ୍କ ଝିଅ ଚାରୁମତିଙ୍କ ସହ ଜଡ଼ିତ।ପାରମ୍ପରିକ କାହାଣୀ ଅନୁସାରେ, ସମ୍ରାଟ ଅଶୋକ ନିଜ ଝିଅ ଚାରୁମତିଙ୍କ ସହ କାଠମାଣ୍ଡୁ ଉପତ୍ୟକା ଆସିଥିଲେ। ପରେ ଚାରୁମତି ସେଠାକାର ଜଣେ ସ୍ଥାନୀୟ ରାଜକୁମାର ଦେବପାଳଙ୍କୁ ବିବାହ କରି ଦେବପାଟନ ଅଞ୍ଚଳରେ ରହିଥିଲେ। ଚାରୁମତି ହିଁ ଏହି ଅଞ୍ଚଳରେ ବିହାର ପ୍ରତିଷ୍ଠା କରିଥିବା ବିଶ୍ୱାସ କରାଯାଏ। ଏଠାରେ ହିଁ ତାଙ୍କର ଦେହାନ୍ତ ହୋଇଥିବା କୁହାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣରେ ବାଲେନ୍ ଶାହ ନଭେମ୍ବର ୨୨ରୁ ୨୩ ତାରିଖ ଯାଏଁ ଭାରତ ଗସ୍ତ କରୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଅନୁସାରେ, ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଲୋଚନାର ପରମ୍ପରାକୁ ଆଗକୁ ବଢ଼ାଇବ। ଏହାସହ ଭାରତର 'ନେବରହୁଡ୍ ଫାଷ୍ଟ' ନୀତିରେ ନେପାଳର ଗୁରୁତ୍ୱକୁ ମଧ୍ୟ ଦର୍ଶାଉଛି। ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଓ ସମ୍ପର୍କ ଆହୁରି ମଜଭୁତ ହେବାର ସୁଯୋଗ ମିଳିବ ବୋଲି ମନ୍ତ୍ରଣାଳୟ କହିଛି। ଭାରତ ପାଇଁ ନେପାଳର ରଣନୈତିକ ଗୁରୁତ୍ୱ ଅଧିକ। ଦୁଇ ଦେଶର ନେତାମାନେ ଅନେକ ସମୟରେ ପୁରୁଣା ସାଂସ୍କୃତିକ ଓ ପାରିବାରିକ ସମ୍ପର୍କକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଏହି ସମ୍ପର୍କକୁ ପ୍ରାୟତଃ 'ରୋଟି-ବେଟି' ସମ୍ପର୍କ ବୋଲି କୁହାଯାଏ। ଚାରିପଟେ ସ୍ଥଳଭାଗ ଦ୍ୱାରା ଘେରି ରହିଥିବା ନେପାଳ ବାଣିଜ୍ୟ ଓ ପରିବହନ ପାଇଁ ବହୁଳ ଭାବେ ଭାରତ ଉପରେ ନିର୍ଭରଶୀଳ।

ଫିନ୍ଲାଣ୍ଡରେ ୧,୩୦୦ ଏକର ଜଙ୍ଗଲ ନଷ୍ଟ କଲା ଗୁଗଲ୍, ଗାଁମାନଙ୍କରେ ପଶିଲେ ଗଧିଆ



ନୂଆଦିଲ୍ଲୀ, ୨୧/୧୧ : ଗୁଗଲ୍ ଗତ ୧୫ ବର୍ଷ ହେଲା ଫିନ୍ଲାଣ୍ଡକୁ ନିଜର ଟେକ୍ ହବ୍ କରିଛି । କିନ୍ତୁ ଦେଶରେ ଡାଟା ସେଣ୍ଟର ସଂପ୍ରସାରଣ ନିମନ୍ତେ ଏହାର ସଦ୍ୟ ପଦକ୍ଷେପ ଆଖପାଖ ଗାଁକୁ କିଛି ଅବାଞ୍ଛିତ ପଡ଼ୋଶୀଙ୍କ ଆଗମନ ବିପଦର କାରଣ ହୋଇଛି । ଅରବ କୋଟି ଟଙ୍କାର ଡାଟା ସେଣ୍ଟର ନିର୍ମାଣ ଲାଗି ଗୁଗଲ୍ ଅବୈଧ ରୂପେ ଲକ୍ଷ ଲକ୍ଷ ଗଛ କାଟିବା ପରେ ଫିନ୍ଲାଣ୍ଡର ମୁହୋସ ଓ ଓଟାନମାକିର ଗାଁମାନଙ୍କରେ ଜଙ୍ଗଲି ଗଧିଆ ପ୍ରବେଶ କରିଛନ୍ତି । ସ୍ଥିତିକୁ ଦେଖି ଫିନ୍ଲାଣ୍ଡ କର୍ତ୍ତୃପକ୍ଷ ଗଛ କଟା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଟନାମାକିର ବାସିନ୍ଦା ଆନି କହିଛନ୍ତି, ଜଙ୍ଗଲ କଟାଯିବା ପରେ ସମସ୍ତ ଜଙ୍ଗଲି ଜନ୍ତୁ ସେଠାରୁ ପଳାୟନ କଲେ ଏବଂ ଗଧିଆ ଗାଁ ଭିତରକୁ ଚାଲିଆସିଲେ । ଫିନ୍ଲାଣ୍ଡରେ ସ୍ଥିତ ଗୁଗଲ୍ର ସହାୟକ କମ୍ପାନି ଟୁଇକେ ଫିନ୍ଲାଣ୍ଡ ଓୟ ମୁହୋସ ଟାଉନ୍ ନିକଟସ୍ଥ ପ୍ରାୟ ୮୧୫ ଏକର ଏବଂ ଓଟାନମାକି ନିକଟରେ ପ୍ରାୟ ୪୯୪ ଏକର ଜଙ୍ଗଲ କାଟି ସଫା କରିଛି । ଆବଶ୍ୟକ ପରିବେଶ ମୂଲ୍ୟାଙ୍କନ ବିନା ଏହି ପ୍ରକ୍ରିୟା ଶେଷ କରି ଉଭୟ ସ୍ଥାନରୁ ୪ ଲକ୍ଷରୁ ଅଧିକ ଗଛ କଟାଯାଇଛି । ପରିବେଶଗତ ମୂଲ୍ୟାଙ୍କନ ଶେଷ ନ ହେବା ଯାଏ ଉଭୟ ସ୍ଥାନରେ ସମସ୍ତ ପ୍ରସ୍ତୁତି କାର୍ଯ